## କଂଗ୍ରେସରୁ ଇସ୍ତଫା ଦେଲେ ବାପୁଜୀ

ଅନୁଗୋଳ ଅଫିସ: ଅନୁଗୋଳ କଂଗ୍ରେସରେ ଦୀର୍ଘ ଦିନ ହେବ ରହି କାର୍ଯ୍ୟ କରୁଥିବା ବାପୁଜୀ ପ୍ରଧାନ ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କ ପାଇଁ କନ୍ଦଳ ସୃଷ୍ଟି ହେଉଛି ବୋଲି ଛାତ୍ର କଂଗ୍ରେସ ପ୍ରଭାରୀ ଆରୋପ ଆଣିବା ପରେ ବାପୁଜୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଇସ୍ତଫାର ନକଲ ଜିଲା କଂଗ୍ରେସ କମିଟି ସଭାପତି, ଛାତ୍ର କଂଗ୍ରେସକୁ ପ୍ରଦାନ କରିଛନ୍ତି।

# ପ୍ରତିଶୋଧ ପାଇଁ ପ୍ରତିହିଂସା

**କାମାକ୍ଷାନଗର, ୧୭।୬(ଡି.ଏନ୍.ଏ.)**


ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ।

**ଗୋଡ଼ିସାହି ଗୁଳିମାଡ଼ ଘଟଣା**
- ଗୁରୁତର ତୋଫାନଙ୍କ ମୃତ୍ୟୁ
- ୪ ପ୍ଲାଟୁନ ପୋଲିସ ମୁତୟନ
- ଘଟଣାସ୍ଥଳରେ ଏସ୍‌ପିଙ୍କ ତଦନ୍ତ

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ଗୋଡ଼ିସାହି ଏବଂ କଲୋନୀ ସାହି ଛାତ୍ର ଗୋଷ୍ଠୀ ମଧ୍ୟରେ ୪ବର୍ଷ ତଳେ କଲେଜ ନିର୍ବାଚନକୁ ନେଇ ହୋଇଥିବା ବିବାଦ ହିଂସାତ୍ମକ ରୂପ ନେଇଛି। ବୁଧବାର ରାତିରେ ଘନଘନ ବୋମା ଓ ଗୁଳିମାଡ଼ ସମଗ୍ର ଅଞ୍ଚଳକୁ ଅଶାନ୍ତ କରିଦେଇଛି। ଗୁଳିମାଡ଼ର ଶିକାର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା କଲୋନୀସାହିର ତୋଫାନ ପାତ୍ର (୨୭)ଙ୍କ ମୃତ୍ୟୁ ପରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀଙ୍କୁ ଗିରଫ ଦାବିରେ ମୃତକଙ୍କ ସମ୍ପର୍କୀୟ ଏବଂ ସାହିବାସୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ଅପରପକ୍ଷେ ଗୁଳିମାଡ଼ର ଶିକାର ହୋଇଥିବା ମହିମାନଗରର ଆକାଶ ନାୟକ (୨୫)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କ ସମ୍ପର୍କୀୟ ଭାଇ ରାଜକିଶୋର ନାୟକ (୩୫)ଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କଟକ ବଡ଼ମେଡିକାଲରେ ଉଭୟେ ଚିକିତ୍ସାଧୀନ ଅଛନ୍ତି। ଗୁରୁବାର ଏସ୍‌ପି କେ. ଶିବା ସୁବ୍ରମଣି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଆଶଙ୍କା ଥିବାରୁ ଅଞ୍ଚଳରେ ୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ଗୋଡ଼ିସାହିର କେତେଜଣ ଯୁବକ ବାଳିକା ସ୍କୁଲ ନିକଟରେ ବସିଥିବା ବେଳେ ହଠାତ୍ କଲୋନୀ ସାହିର କେତେଜଣ ଯୁବକ ଆସି ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଗୋଡ଼ିସାହିର ଯୁବକମାନେ କାମାକ୍ଷାନଗର ଥାନାକୁ ଆସି ଘଟଣା ଅବଗତ କରାଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରି ଫେରିଯାଇଥିଲା। ଏହାପରେ ରାତି ପ୍ରାୟ ୧୦ଟାରେ ଦୁଇ ଗୋଷ୍ଠୀ ଖଣ୍ଡା, ଭୁଜାଲି, ବୋମା, ବନ୍ଧୁକ ଧରି ମୁହାଁମୁହିଁ ହୋଇଥିଲେ। ଗୋଡ଼ିସାହି ପକ୍ଷରୁ ହୋଇଥିବା ଆଖିବୁଜା ଗୁଳିମାଡ଼ରେ କଲୋନୀସାହିର ତୋଫାନ ଗୁରୁତର ହୋଇଥିଲେ। ତାଙ୍କ ପେଟରେ ଗୁଳି ବାଜିଥିଲା। ଏହି ସମୟରେ ମହିମାନଗରର ରାଜକିଶୋର ଏବଂ ତାଙ୍କ ସମ୍ପର୍କୀୟ ଭାଇ ଆକାଶ ଭଉଣୀ ଘର ଆଳତୁମାରୁ କାର୍ (ନଂ. ଡବ୍ଲୁବି ୨୭ ଆର୍ ୭୭୭୯)ରେ ଫେରୁଥିବାବେଳେ ବାଳିକା ସ୍କୁଲ ନିକଟରେ ଗୋଡ଼ିସାହିର କେତେଜଣ ଯୁବକ ଅତର୍କିତ ଆକ୍ରମଣ କରିଥିଲେ। ଆକାଶଙ୍କ ଶରୀରରେ ଗୁଳି ବାଜିଥିବାବେଳେ ରାଜକିଶୋରଙ୍କ ମୁଣ୍ଡ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ୩ ଜଣଙ୍କୁ ତୁରନ୍ତ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ରାଜକିଶୋରଙ୍କ ଭାଇ ତଥା ବିଏସ୍‌ଏଫ୍‌ରେ କାର୍ଯ୍ୟରତ ସୂର୍ଯ୍ୟକାନ୍ତ ନାୟକଙ୍କ ଅଭିଯୋଗକ୍ରମେ କାମାକ୍ଷାନଗର ଥାନାରେ ନଂ. ୨୨୧/୨୧ ଏବଂ ମୃତକଙ୍କ ସାନଭାଇ ମୋହନଙ୍କ ଅଭିଯୋଗ କ୍ରମେ ନଂ. ୨୨୨/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି।

**୨୦୧୭ କଲେଜ ନିର୍ବାଚନ ଲିଙ୍କ୍**

୨୦୧୭ ମସିହାରେ କଲେଜ ନିର୍ବାଚନରେ ଦୁଇ ସାହିର ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦିନ ଗଡ଼ିବା ସହିତ ଉକ୍ତ ବିବାଦ ବଢ଼ିବାରେ ଲାଗିଥିଲା। ଉଭୟ ପକ୍ଷ ପ୍ରତିଶୋଧ ପରାୟଣ ହୋଇ ବିଭିନ୍ନ ସମୟରେ ମୁହାଁମୁହିଁ ହେଉଥିଲେ। ମାମଲା ଥାନାକୁ ଆସୁଥିଲା। ଆପୋସ ବୁଝାମଣା ପରେ ପରିସ୍ଥିତି ଶାନ୍ତ ପଡୁଥିଲା। ତେବେ ବୁଧବାର ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝାରୁ ବିବାଦ ଉଗ୍ରରୂପ ନେଇଥିଲା

ଅପରପକ୍ଷେ ତୋଫାନଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଅପରାହ୍ନ ୪ଟାରେ ପହଞ୍ଚିବା ପରେ କଲୋନୀ ସାହିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ଜଣକୁ ସରକାରୀ ଚାକିରି ପ୍ରଦାନ କରିବା, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ୫୩ନଂ. ଜାତୀୟ ରାଜପଥର ହନୁମାନ ବଜାର ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଦଳିତ ନେତା ପ୍ରଦ୍ୟୁମ୍ନ ନାଏକ, ମମତାଞ୍ଜଳି ବେହେରା, କୈଳାସ ବେହେରା, କମଳ ଚରଣ ପାତ୍ର, ନିହାର ସାମଲ, ହୃଦାନନ୍ଦ ମଲ୍ଲିକ, ଆର୍ତ୍ତତ୍ରାଣ ମଲ୍ଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ପୋଲିସ ପ୍ରଶାସନ ତରଫରୁ ଉପଜଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସଞ୍ଜୟ ରାଉତ ପ୍ରମୁଖ ପହଞ୍ଚି ୪୮ ଘଣ୍ଟା ମଧ୍ୟରେ ଅପରାଧୀଙ୍କୁ ଗିରଫ, ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ, ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସନ୍ଧ୍ୟା ସାଢ଼େ ୭ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଏସ୍‌ପିଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ, କାମାକ୍ଷାନଗର ଏସ୍‌ଡିପିଓ ଅନୀଲ ବେଉରିଆ, ଇନ୍ସପେକ୍ଟର ରଞ୍ଜନ କୁମାର ଦେଓ, ସଦର ଆଇଆଇସି ଅଭିନବ ଡାଲୁଆ, କାମାକ୍ଷାନଗର ଥାନାଧିକାରୀ ସୁନୀଲ କୁମାର କର, ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ସମ୍ପର୍କରେ ଏସ୍‌ପି କୁହନ୍ତି, ପୂର୍ବଶତ୍ରୁତା ଏବଂ ଗୋଷ୍ଠୀ ବିବାଦକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଛି। ଖୁବ୍‌ଶୀଘ୍ର ଅପରାଧୀ ଧରାପଡ଼ିବେ।

## ସଂକ୍ଷେପରେ

### ୧୧୪ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୭।୬:** ଢେଙ୍କାନାଳ ଜିଲାରୁ ଗୁରୁବାର ୧୧୪ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୩୬ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଅଞ୍ଚଳର ଜଣେ ୪୭ ବର୍ଷୀୟ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାପରେ ଜିଲାରେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୫୫ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ସଦର ବ୍ଲକର ୧୯, ଢେଙ୍କାନାଳ ପୌରାଞ୍ଚଳରେ ୧୮, ହିନ୍ଦୋଳ ବ୍ଲକର ୧୭ ଓ ଏନ୍‌ଏସିର ୪, କାମାକ୍ଷାନଗର ବ୍ଲକର ୧୧ ଓ ଏନ୍‌ଏସିର ୧, କଙ୍କଡ଼ାହାଡ଼ ବ୍ଲକର ୧୮, ଓଡ଼ାପଡା ବ୍ଲକର ୯, ପରଜଙ୍ଗ ବ୍ଲକର ୬, ଗଁଦିଆ ବ୍ଲକର ୫, ଭୁବନ ବ୍ଲକର ୩ ଏବଂ ଅନ୍ୟ ଚିକିତ୍ସାଳୟରୁ ୩ଜଣ ଅଛନ୍ତି। ଜିଲାର ମୋଟ୍ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧,୫୪୨ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ହାତୀ ମୃତ୍ୟୁ ଘଟଣା, ଜଣେ ଗିରଫ

**ବନ୍ତଲା,୧୭।୬(ଡି.ଏନ.ଏ.):** ଅନୁଗୋଳ ରେଞ୍ଜ ପୁଟୁଣାକୋଟ ଥାନା ଜଗନ୍ନାଥପୁର ଗ୍ରାମ ନିକଟରୁ ମଙ୍ଗଳବାର ଏକ ମାଈ ହାତୀର ମୃତଦେହ ମିଳିଥିଲା। ଏହି ଘଟଣାରେ ଗୁରୁବାର ଜଗନ୍ନାଥପୁର ଗ୍ରାମର କୁକୁଡ଼ା ଫାର୍ମ ମାଲିକ ତନୁ ଦେହୁରୀଙ୍କୁ ବନ ବିଭାଗ ଗିରଫ କରିଛି। ବିଭାଗ ପକ୍ଷରୁ କୁହାଯାଇଛି, ତନୁଙ୍କ କୁକୁଡ଼ା ଫାର୍ମରୁ ସୋଲାର କରେଣ୍ଟ ଦ୍ୱାରା ଅନ୍ୟ ଏକ ବଗିଚାରେ ସୋଲାର ବାଡ଼ ଦିଆଯାଇଥିଲା। ଉକ୍ତ କରେଣ୍ଟ ସଂସ୍ପର୍ଶରେ ଆସି ମାଈ ହାତୀର ମୃତ୍ୟୁ ହୋଇଥିଲା।

### ୩ ଶିକାରୀ ଗିରଫ

**ପାଲଲହଡ଼ା/ ଢେଙ୍କାନାଳ ଅଫିସ ,୧୭।୬:** ଦେବଗଡ଼ ବନଖଣ୍ଡ ପାଲଲହଡ଼ା ବନାଞ୍ଚଳର ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ପାଲଲହଡ଼ା ବନ କର୍ମଚାରୀମାନେ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଶିକାରୀ ହେଲେ ପାଲଲହଡ଼ା ଥାନା ବଧମୁଣ୍ଡା ଗ୍ରାମର ନଟବର ମହାନ୍ତ(୫୦) ଓ ଡିଲେଶର ମହାନ୍ତ (୪୨)। ସେମାନଙ୍କଠାରୁ ଦେଶୀ ବନ୍ଧୁକ, ଧନୁ ତୀର ସମେତ ଶିକାରରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ବଧମୁଣ୍ଡା ଗ୍ରାମର ପ୍ରାୟ ୪୦ରୁ ୫୦ ଜଣ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ସୂଚନାପାଇ ରେଞ୍ଜର ଦୁର୍ଯ୍ୟୋଧନ ଜେରାଇଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଥିଲେ। ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏ ନେଇ ନଂ. ୨୬/୨୦୨୧-୨୨ରେ ମାମଲା ରୁଜୁ ହୋଇଛି। ସେହିପରି ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟ ପରିସରରୁ ବୁଧବାର ସନ୍ଧ୍ୟାରେ ବନ୍ଧୁକ ସହ ଜଣେ ଶିକାରୀଙ୍କୁ ବନ ବିଭାଗ କର୍ମଚାରୀ ଗିରଫ କରିଛନ୍ତି। ସେ ହେଲେ ଗଁଦିଆ ଥାନା ତଳଖୋଲି ଗ୍ରାମର ଶଙ୍କର ପୂର୍ତ୍ତି (୨୯)। ଅଭୟାରଣ୍ୟରେ ଜଣେ ବନ୍ଧୁକଧାରୀ ପଶିଥିବା ସୂଚନା ପାଇ ରେଞ୍ଜର ଗୌତମ ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ। ଶଙ୍କରଙ୍କୁ ପୂର୍ବରୁ ଏକ ମାମଲାରେ ମଧ୍ୟ ଗିରଫ କରାଯାଇଥିଲା।

## ବୁହାଳିପାଳରେ ୩୪ ହାତୀ

**ରାସୋଳ, ୧୭।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ରାସୋଳ ସେକ୍ସନ ଅଧୀନ ବୁହାଳିପାଳ ପଞ୍ଚାୟତରେ ୨ଦିନ ହେଲା ଏକ ପଲରେ ୩୪ ହାତୀ ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ହାତୀମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ବ୍ୟାପକ ଫସଲ ହାନି କରିବା ସହିତ ରାତି ଅଧରେ ଜନବସତିରେ ପଶି ଘରଦ୍ୱାର ଭାଙ୍ଗି ପକାଉଛନ୍ତି। ହାତୀଙ୍କୁ ଘଉଡ଼ାଇବାକୁ ଯାଇ ବନ କର୍ମଚାରୀ ନୟାନ୍ତ ହୋଇପଡ଼ିଥିବାବେଳେ ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଅଞ୍ଚଳବାସୀଙ୍କ କହିବା କଥା, ଦିନତମାମ ବମ୍ପା ରଗଡ଼ି ଜଙ୍ଗଲରେ ଡେରା ପକାଉଥିବା ଉକ୍ତ ହାତୀପଲ ରାତି ହେଲେ ଜନବସତିରେ ପଶୁଛନ୍ତି। ବାଡ଼ିବଗିଚାରେ ହୋଇଥିବା ପାଚିଲା ଆମ୍ବ, ପଣସ, କଦଳୀ ସେମାନଙ୍କୁ ଟାଣି ଆଣୁଛି। ସେମାନେ ଫସଲ ଖାଇବା ଅପେକ୍ଷା ବେଶି ନଷ୍ଟ କରୁଛନ୍ତି। ହାତୀପଲ ଅଁଳାବେଡ଼ା ଗ୍ରାମର ଦେଉଳି ବିଶ୍ୱାଳ, ଯଖିତ ସାହୁଙ୍କ ଚାଳ ଘର ଭାଙ୍ଗି ଦେଇଛନ୍ତି। ହାତୀଙ୍କ ଉପଦ୍ରବରେ ପଞ୍ଚାୟତର ଗରିବ ପରିବାର ସବୁଠାରୁ ବେଶି ପ୍ରଭାବିତ ହେଉଛନ୍ତି। ଜୀବନ ବିକଳରେ ସେମାନେ ଘରଦ୍ୱାର, ଆସବାବପତ୍ର ଛାଡ଼ି ସନ୍ଧ୍ୟା ହେଲେ କୋଠାଘରେ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ନେଉଛନ୍ତି। ଏ ସଂକ୍ରାନ୍ତରେ ରାସୋଳ ଫରେଷ୍ଟର ସୁଦର୍ଶନ ଦେହୁରୀ କୁହନ୍ତି, ହାତୀପଲ ଉପରେ ବନ ବିଭାଗ ସତର୍କ ନଜର ରଖିଛି। ବାଣ ଫୁଟାଇ ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ ଚାଲିଛି।

## ଦୁଇ ଓଳା ସହର ସଫେଇ


ଗୁରୁବାର ରାତିରେ ସହର ସଫେଇ କରାଯାଉଛି।

**ଅନୁଗୋଳ ଅଫିସ, ୧୭।୬**

ଅନୁଗୋଳ ସହର ସଫେଇକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ ପରେ ଗୁରୁବାରଠାରୁ ଦୁଇ ଓଳା ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସହରକୁ ସ୍ୱଚ୍ଛ ରଖିବାକୁ ଏଣିକି ପ୍ରତିଦିନ ସକାଳେ ଓ ରାତିରେ ଝାଡୁ ମରାଯିବ ବୋଲି ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ରାତିରେ ସହର ସଫେଇ କାର୍ଯ୍ୟ ଗତବର୍ଷ ହେଉଥିଲା। ହେଲେ କରୋନା ସଂକ୍ରମଣ ବ୍ୟାପିବା ପରେ ରାତିରେ ସହରରେ ଆଉ ଝାଡୁ ବୁଲୁ ନ ଥିଲା। ଅନ୍ୟପକ୍ଷରେ ନୂଆ ଠିକା ସଂସ୍ଥା ଦାୟିତ୍ୱ ନେବା ପରେ ସଫେଇ କାର୍ଯ୍ୟ ଠିକ୍‌ଠାକ୍ କରୁ ନ ଥିବା ଅଭିଯୋଗ ହେଉଥିଲା। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଅଳିଆ ଗଦା ହୋଇ ରହିବାରୁ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ପୌର କର୍ତ୍ତୃପକ୍ଷ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏଥିସହ ଜଣେ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟରୁ ବିରତି ଦେଇଥିଲେ। ଏହାକୁ ନେଇ ସଫେଇ କର୍ମଚାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ସୋମବାର ସଫେଇ କାର୍ଯ୍ୟ ବନ୍ଦ କରିଥିଲେ। ମଙ୍ଗଳବାର ସଫେଇ ବେଳେ ୩ ଜଣ ଠିକା କର୍ମଚାରୀ ସଫେଇ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ପୌର କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଥିଲେ। ତେବେ ବିବାଦ ଥମିବା ପରେ ସହରରେ ସଫେଇ କାର୍ଯ୍ୟ ଦୁଇଓଳି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ରାତିରେ ସହର ସଫେଇ ହେବା ସହ ଘର ଘର ବୁଲି ଅଳିଆ ସଂଗ୍ରହ କରାଯାଉଛି।

## ୨୦୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୭।୬**

ଅନୁଗୋଳ ଜିଲାରୁ ଗୁରୁବାର ୨୦୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୯ ହଜାର ୨୪୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଁଅରପାଳ ବ୍ଲକରୁ ସର୍ବାଧିକ ୩୬ ଜଣ ଥିବାବେଳେ କିଶୋରନଗର ବ୍ଲକରୁ ୩୪, ତାଳଚେର ବ୍ଲକରୁ ୩୧, ଅନୁଗୋଳ ବ୍ଲକରୁ ୨୮, ଛେଣ୍ଡିପଦା ବ୍ଲକରୁ ୨୬, ଆଠମଲ୍ଲିକ ବ୍ଲକରୁ ୧୯, କଣିହାଁ ବ୍ଲକରୁ ୧୧, ପାଲଲହଡ଼ା ବ୍ଲକରୁ ୧୦, ଅନୁଗୋଳ ପୌରପାଳିକାରୁ ୪, ତାଳଚେର ପୌରପାଳିକାରୁ ୪ ଓ ଆଠମଲ୍ଲିକ ଏନ୍‌ଏସିରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୫୮ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୩୪୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଗୁରୁବାର ଜିଲାରେ କାହାରି କରୋନାରେ ମୃତ୍ୟୁ ହୋଇ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ‘ନାଟକରେ ଉପକରଣର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ’

**ଢେଙ୍କାନାଳ ଅଫିସ, ୧୭।୬**


ଭର୍ଚୁଆଲ କର୍ମଶାଳାରେ ଅଂଶଗ୍ରହଣ କରିଥିବା ଶିଳ୍ପୀ।

- ଜାତୀୟସ୍ତରୀୟ କର୍ମଶାଳା ଆରମ୍ଭ
- ଭାଗ ନେଲେ ୪ ରାଜ୍ୟର ୨୮ ଶିଳ୍ପୀ

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କୋଲକାତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ଢେଙ୍କାନାଳ ଅଲ୍‌ଟରନେଟିଭ୍ ରିଦମ୍ ଥିଏଟରର ମିଳିତ ସହଯୋଗରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଜାତୀୟସ୍ତରୀୟ ନାଟକ ଉପକରଣ ଏବଂ ମୁଖା ତିଆରି କର୍ମଶାଳା। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ହରିୟାଣା ରାଜ୍ୟର ୨୮ ଜଣ ଶିଳ୍ପୀ ସାମିଲ ହୋଇଛନ୍ତି। ଅଲ୍‌ଟର୍‌ନେଟିଭ୍ ରିଦମ ଥିଏଟରର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ନିର୍ଦ୍ଦେଶିକା ଗୌରୀ ବସୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ନାଟକ ଏକ ମିଶ୍ର କଳା। ଦୃଶ୍ୟ ଓ ପରିବେଷଣ କଳାକୁ ନେଇ ନାଟକ ଗତିଶୀଳ ହୁଏ। ସଫଳ ନାଟକ ମଞ୍ଚସ୍ଥ କରିବାରେ ଉପକରଣ ଓ ମୁଖାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ କହିଲେ, ଏଭଳି କର୍ମଶାଳା ନାଟ୍ୟଶିଳ୍ପୀଙ୍କୁ ଉପକରଣ ତିଆରି କୌଶଳ ବିଷୟରେ ଅନେକ କିଛି ଶିକ୍ଷାଦେବ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କହିଲେ, ନାଟକକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉପକରଣ ଓ ମୁଖାର ଯଥେଷ୍ଟ ଗୁରୁତ୍ୱ ରହିଛି। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ସହଯୋଗରେ ଏଭଳି ଏକ ନିଆରା କର୍ମଶାଳା ଆୟୋଜନ କରାଯିବ ପ୍ରଶଂସନୀୟ। ଏହି କର୍ମଶାଳା ୨୭ ତାରିଖ ଯାଏ ଚାଲିବ। ଅନୁଷ୍ଠାନର ନିର୍ଦ୍ଦେଶକ ଦୀନେଶ ଦାସ ପ୍ରଶିକ୍ଷକ ଭାବେ କର୍ମଶାଳାକୁ ପରିଚାଳନା କରୁଛନ୍ତି।

## ସ୍କୁଲ ପରିଦର୍ଶନ କଲେ ଅତିରିକ୍ତ ଜିଲାପାଳ

**ମାଧପୁର,୧୭।୬**

ଅନୁଗୋଳ ଜିଲା ରାଜସ୍ୱ ବିଭାଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ ଗୁରୁବାର ଆଠମଲ୍ଲିକ ବ୍ଲକ ଗସ୍ତରେ ଆସି ମାଧପୁର ଅଞ୍ଚଳର ସମସ୍ତ ହାଇସ୍କୁଲ ପରିଦର୍ଶନ ସହ ବିଦ୍ୟାଳୟ ରୂପାନ୍ତରୀକରଣ ନିମନ୍ତେ ଭିତ୍ତିଭୂମିର ତଦାରଖ କରିଛନ୍ତି। ମାଧପୁର, ଲୁଣହାଣ୍ଡି, କମ୍ପଲା, ବାସୁଦେବପୁର, କିଆକଟା, ବରଡ଼ାକଟା, ପୁରୁଣାମାନତ୍ରୀ ଆଦି ହାଇସ୍କୁଲ ପରିଦର୍ଶନ କରିବା ପରେ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, କର୍ମଚାରୀ, ମୋ ସ୍କୁଲ ଅଭିଯାନର ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ ପ୍ରମୁଖ ସାମିଲ ଥିଲେ।

## ଉପାନ୍ତ ଅଞ୍ଚଳରେ ଟିକାକରଣ

**ଢେଙ୍କାନାଳ ଅଫିସ, ୧୭।୬**


କଙ୍କଡ଼ାହାଡ଼ ବ୍ଲକ ଏକୁଲସେକୁଲରେ ଟିକାକରଣ।

ଢେଙ୍କାନାଳ ଜିଲାର ଉପାନ୍ତ କଙ୍କଡ଼ାହାଡ଼ ବ୍ଲକରେ ଗୁରୁବାରଠାରୁ ଟିକାକରଣ ଆରମ୍ଭ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଦୁର୍ଗମ ଏକୁଲସେକୁଲ ଗ୍ରାମରେ ସ୍ୱତନ୍ତ୍ର ଶିବିର କରାଯାଇ ଟିକାପ୍ରଦାନ ସହ କେତେଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନର ପଦସ୍ଥ ଅଧିକାରୀ ଶିବିର ପରିଚାଳନା କରିଥିଲେ।

ଅପରାହ୍ନରେ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ଆୟୋଜିତ ସମୀକ୍ଷା ବୈଠକରେ ଏ ସଂକ୍ରାନ୍ତରେ ସୂଚନା ଦେଇ ଜିଲାପାଳ କହିଲେ, ପ୍ରଶାସନର ଉଚିତ ପଦକ୍ଷେପରୁ କରୋନା ସଂକ୍ରମଣ କମୁଛି। ସଂକ୍ରମଣ ଶୂନସ୍ତରକୁ ଆସିବା ଯାଏ ଶୃଙ୍ଖଳିତ ହେବାକୁ ପଡ଼ିବ। ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଗଲେ ଏବଂ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରାଗଲେ ସମ୍ଭାବ୍ୟ ତୃତୀୟ ଲହରକୁ ଅନେକାଂଶରେ ପ୍ରତିହତ କରାଯାଇପାରିବ। ବ୍ୟବସାୟୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣ, କୋଭିଡ୍ ହସ୍ପିଟାଲରେ ଉତ୍ତମ ସେବା ଯୋଗାଇଦେବା, ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କଟକଣା କାର୍ଯ୍ୟକାରୀ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଆଇଏଏସ୍ ପ୍ରୋବେସନର ବିଭୂତି ଭୂଷଣ ନାୟକ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉଦୟ ମହାପାତ୍ର, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଣୀ ଚିକିତ୍ସା ଦିଗରେ ପଦକ୍ଷେପ ନାହିଁ

**ଖମାର,୧୭।୬**



- ଖମାର ପ୍ରାଣୀ ଚିକିତ୍ସାଳୟରେ ନାହାନ୍ତି ଡାକ୍ତର
- ୭ ମାସ ହେଲା ହଇରାଣ ହେଉଛନ୍ତି ଚାଷୀ
- କୋଭିଡ୍ ଆଳରେ ନୂଆ ନିଯୁକ୍ତିରେ ବିଳମ୍ବ

ଚାଷୀଙ୍କ ପକେଟକୁ ଅଧିକ ଅର୍ଥ ଦେବାକୁ ପ୍ରାଣୀଧନ ପାଳନ ନିମନ୍ତେ ପ୍ରୋତ୍ସାହିତ କରୁଛନ୍ତି ସରକାର। ଏଥିପାଇଁ ବିଭିନ୍ନ ଯୋଜନା କରାଯାଇଛି। ବ୍ୟାଙ୍କ ମାଧ୍ୟମରେ କମ୍ ସୁଧରେ ଚାଷୀଙ୍କୁ ଋଣ ପ୍ରଦାନ କରାଯାଉଛି। ସବ୍‌ସିଡି ବ୍ୟବସ୍ଥାର ସୁଯୋଗ ନେବାକୁ ପରାମର୍ଶ ଦିଆଯାଉଛି। ଏପରି କି ଆବଶ୍ୟକ ବଜାର ସୁବିଧା ଯୋଗାଇ ଦେବାର ନିର୍ଭର ପ୍ରତିଶ୍ରୁତି ଦିଆଯାଉଛି। ଅଧିକରୁ ଅଧିକ ଚାଷୀ ଏହାର ଲାଭ ନେବାକୁ ସଚେତନ କରାଯାଉଛି। କିନ୍ତୁ ସରକାରଙ୍କ ଏହି ସୁବିଧାକୁ ନେଇ ସନ୍ତୁଷ୍ଟ ନୁହନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳର ଚାଷୀ। କାରଣ ପ୍ରାଣୀଧନଙ୍କ ଚିକିତ୍ସା କ୍ଷେତ୍ରରେ ସରକାରଙ୍କ ଘୋର ଅବହେଳା ଏଠାକାର ଚାଷୀଙ୍କୁ କ୍ଷତିରେ ପକାଉଛି। ୭ ମାସ ହେଲା ଖମାର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ନ ଥିଲେ ମଧ୍ୟ ସରକାର ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ପ୍ରାଣୀଧନ ପାଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଖମାର ଅଞ୍ଚଳର ସହସ୍ରାଧିକ ଚାଷୀ ଗୋ ପାଳନ କରିଛନ୍ତି। ଏମାନଙ୍କ ବ୍ୟତୀତ ଅନେକ ଚାଷୀ କୁକୁଡ଼ା, ଛେଳି, ବତକ, ଘୁଷୁରି ଆଦି ପାଳନକୁ ରୋଜଗାରର ପ୍ରମୁଖ ମାଧ୍ୟମ କରିଛନ୍ତି। ହେଲେ ଏହି ପ୍ରାଣୀଧନଙ୍କ ଚିକିତ୍ସା ପାଇଁ ଖମାର ଅଞ୍ଚଳରେ ପ୍ରାଣୀ ଚିକିତ୍ସକ ନାହାନ୍ତି। ଖମାର ପ୍ରାଣୀ ଚିକିତ୍ସାଳୟ ସହ ଏହା ଅଧୀନରେ ଥିବା ଶଙ୍ଖପୁର, ସିଆରିମାଳିଆ, ଇଞ୍ଜିଡ଼ରେ ପୂର୍ବରୁ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାବେଳେ ଖମାର ପ୍ରାଣୀ ଚିକିତ୍ସକ ନୀରୋଦ ସାହୁ ଏବଂ ଏଲ.ଆଇ. ଡିଲେଶ୍ୱର ସାମଲଙ୍କ ଗତ ଜାନୁୟାରୀ ମାସରୁ ବଦଳି ହୋଇଯାଇଛି। ଫଳରେ ପ୍ରାଣୀଧନଙ୍କ ଚିକିତ୍ସା ନେଇ ଏଠାକାର ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଚିକିତ୍ସା ଅଭାବରୁ ପ୍ରାଣୀଧନ ମୃତ୍ୟୁମୁଖରେ ପଡୁଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି। ସିଆରୀମାଳିଆ ଓ ଇଞ୍ଜିଡ଼ ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ କେତେଜଣ କର୍ମଚାରୀଙ୍କୁ ଖମାର ଅଞ୍ଚଳରେ ସେବା ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଥିଲେ ମଧ୍ୟ ଠିକଣା ସମୟରେ ସେମାନେ ଚାଷୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଖେମଳା ଓ ବଡ଼ସଡାଠାରେ ଉପ ଚିକିତ୍ସାଳୟ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ପ୍ରାଣୀଧନ ଚିକିତ୍ସକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଦୀର୍ଘ ୭ ମାସ ହେଲା ଏପରି ଅବହେଳା ଯୋଗୁ ବହୁ ପ୍ରାଣୀଧନଙ୍କ ଜୀବନ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### ସରକାରଙ୍କୁ ଚିଠି ଲେଖିଛି



“ସମସ୍ୟା ବିଷୟରେ ଅବଗତ ଅଛି। ଏ ନେଇ ସରକାରଙ୍କୁ ଚିଠି ଲେଖିଛି। କୋଭିଡ୍ କଟକଣା ପାଇଁ ଅଳ୍ପ ସଂଖ୍ୟକ କର୍ମଚାରୀ ଆସୁଥିବାରୁ ସମସ୍ୟା ସମାଧାନରେ ବିଳମ୍ବ ହେଉଛି। ଯେତେଶୀଘ୍ର ସମ୍ଭବ ଖମାର ପ୍ରାଣୀ ଚିକିତ୍ସାଳୟରେ ଆବ୍ୟଶ୍ୟକ କର୍ମଚାରୀ ନିଯୁକ୍ତି କରାଇବାକୁ ଚେଷ୍ଟା କରୁଛି।

**-ମୁକେଶ କୁମାର ପାଲ, ବିଧାୟକ, ପାଲଲହଡ଼ା**

### କ୍ଷତି ସହୁଛନ୍ତି ଚାଷୀ



“ପ୍ରାଣୀଧନ ଡାକ୍ତରଙ୍କ ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଠିକ୍ ସମୟରେ ଚିକିତ୍ସା ନ ପାଇ ବହୁ ପ୍ରାଣୀଧନଙ୍କ ପ୍ରାଣହାନି ଘଟୁଛି। ଏହାଦ୍ୱାରା ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ସରକାର ଦୃଷ୍ଟି ନ ହେଲେ ଖମାର ଅଞ୍ଚଳରୁ ପ୍ରାଣୀଧନଙ୍କ ସଂଖ୍ୟା ହ୍ରାସ ପାଇବ।

**-ଚନ୍ଦ୍ରମଣି ସ୍ୱାଇଁ, ଚାଷୀ, ଶଙ୍ଖପୁର**

### ମିଳୁନି ସରକାରୀ ସୁବିଧାର ଲାଭ



“ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଥିଲେ ମଧ୍ୟ ପ୍ରାଣୀଧନଙ୍କ ଚିକିତ୍ସା ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଗୋରୁ, ଛେଳି, କୁକୁଡ଼ା ଆଦି ପାଳନ କରିଥିବା ଚାଷୀମାନଙ୍କୁ ସରକାରୀ ସୁବିଧାର ଲାଭ ମିଳିପାରୁ ନାହିଁ। ଅସୁବିଧା ଦୂର ପାଇଁ ପଦକ୍ଷେପ ନିଆଯାଉ।

**-ରମାକାନ୍ତ ସାହୁ, ଚାଷୀ, ପାଣିହରା**

### ଶୀଘ୍ର ସମସ୍ୟାର ସମାଧାନ



“ପ୍ରାଣୀଧନଙ୍କ ଚିକିତ୍ସା କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ସରକାରଙ୍କୁ ଜଣାଇ ସାରିଛୁ। ଆବଶ୍ୟକ କର୍ମଚାରୀ ନ ଥିବାରୁ ବିଭିନ୍ନ ଅଞ୍ଚଳରେ ଠିକଣା ସମୟରେ ସେବା ଯୋଗାଇ ହେଉନି। ନୂଆ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରି ସାରିଛି। ଯଥାଶୀଘ୍ର ଏ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି।

**-ରଞ୍ଜିତ କୁମାର ଦାସ, ଜିଲା ପ୍ରାଣୀଧନ ଅଧିକାରୀ, ଅନୁଗୋଳ**

